## ସଂକ୍ଷେପରେ

### କଲେଜ ଛାତ୍ରଙ୍କ ଅକାଳ ବିୟୋଗରେ ଶୋକସଭା

ଦିଗପହଣ୍ଡି,୧୭।୧୦(ଅଶେଷ ନାଥ ମିଶ୍ର): ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ଯୁକ୍ତ ୩ ପ୍ରଥମ ବର୍ଷର ଗଣିତ ସମ୍ମାନ ବିଭାଗୀୟ ଛାତ୍ର ଶିବଶଙ୍କର ପାଣିଗ୍ରାହୀଙ୍କ ମଙ୍ଗଳବାର ସକାଳେ ମୃତ୍ୟୁ ଘଟିଛି। ଗତ ୩ ଦିନ ଧରି ସେ ଜ୍ୱରରେ ପୀଡିତ ଥିଲେ। ସକାଳେ ସେ ସଜ୍ଞାହୀନ ହୋଇ ପଡିଯିବା ସହ ଗୁରୁତର ହୋଇପଡିଥିଲେ। ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା।ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯାଇ ଦିଗପହଣ୍ଡି ଅଣାଯିବା ପରେ ଗୁପ୍ତେଶ୍ୱର ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ଖେମୁଣ୍ଡି କଲେଜ ଅଧକ୍ଷ ଅନୁପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ତାଙ୍କ ଅନ୍ତିମ ଶୋଭାଯାତ୍ରାରେ ବହୁ ସଂଖ୍ୟକ ଶୋକାକୁଳ ସହପାଠୀ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର

ଭଞ୍ଜନଗର,୧୭।୧୦(ବାବୁଲା ପ୍ରଧାନ)

ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟ ରାଜନିତୀ ବିଜ୍ଞାନ ବିଭାଗ ପକ୍ଷରୁ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ.ସୁଶାନ୍ତ କୁମାର ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମହିଳା ସଂରକ୍ଷଣ ଏବଂ ରାଜନିତୀରେ ମହିଳା ମାନଙ୍କ ପ୍ରତିନିଧିତ୍ୱ ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ଛାତ୍ରୀ ଝରଣା ନାୟକ ସନ୍ଦର୍ଭଟିକୁ ପଠନ କରିଥିଲେ । ତାଙ୍କୁ ବିଭାଗୀୟ ଅଧ୍ୟାପକ ତଥା ଅଧକ୍ଷ ମଲ୍ଲିକ ସହଯୋଗ କରିଥିଲେ। ଡ.ସିଧାର୍ଥ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଡ.ସଞ୍ଜୁକ୍ତା ପଟ୍ଟନାୟକ ସ୍ୱାଗତ ଭାଷଣ ଦେବାସହ ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟାପକ ପ୍ରେମଚାନ୍ଦ ମଲ୍ଲିକ, ଧନ୍ୟବାଦ ପ୍ରଦାନ କରିଥିଲେ।

### ଅବଦୁଲ୍ କଲାମଙ୍କ ଜୟନ୍ତୀ

ଭଞ୍ଜନଗର,୧୭।୧୦(ବାବୁଲା ପ୍ରଧାନ)

ପୂର୍ବତନ ରାଷ୍ଟ୍ରପତି ଡ.ଅବଦୁଲ୍ କାଲାମଙ୍କ ଜୟନ୍ତୀ ରବିବାର ଲଣ୍ଡେଇସାହି ସ୍ଥିତ ପ୍ରଜ୍ଞା ସଙ୍ଗୀତ ଏକାଡ଼େମୀ ପକ୍ଷରୁ ପାଳିତ ହୋଇଯାଇଛି। ଲାଲସିଂ ପଞ୍ଚାୟତ ସରପଞ୍ଚ ଶିବରାମ ସାହୁ ମୁଖ୍ୟ ଅତିଥି ଏବଂ ସାମାଜିକ କର୍ମୀ ବିଷ୍ଣୁ ପ୍ରସାଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାଲାମଙ୍କ ଜିବନୀ ସମ୍ପର୍କରେ କହିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜଗନ୍ନାଥ ବେହେରା ଓ ବିକ୍ରମ ବିଶ୍ୱାଳ ମଞ୍ଚକୁ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ପରିଚାଳକ ପ୍ରଭାତ ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ।

# ୩ ବର୍ଷ ଧରି ଆମ୍ବଗଛ ତଳେ ପାଠପଢ଼ା

## ଅବ୍ୟବସ୍ଥାରେ ଝିରିପାଣି ବିଦ୍ୟାଳୟ



ଆମ୍ବଗଛ ତଳେ ଛାତ୍ରୀଛାତ୍ର ପଢୁଛନ୍ତି।

କୋଟଗଡ,୧୭।୧୦(ସରୋଜ ବଲିୟାରସିଂ)

ସର୍ବଶିକ୍ଷା ଅଭିଯାନ 'ସଭିଏଁ ପଢ଼ିବେ ସଭିଏଁ ବଢ଼ିବେ' ନାରା ଦେଉଥିବା ବେଳେ ଆଦିବାସୀ ବହୁଳ କନ୍ଧମାଳ ଜିଲାରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଫେଲ ମାରିଛି। ଏଠାରେ ଶ୍ରେଣୀ ଗୃହ ଅଭାବ ଥିବାରୁ ଦୀର୍ଘ ୩ ବର୍ଷ ଧରି ଖରା ଓ ଶୀତକୁ ଖାତିର ନ କରି ଛାତ୍ରୀଛାତ୍ରମାନେ ଆମ୍ବଗଛ ତଳେ ବସି ପାଠ ପଢୁଛନ୍ତି। ଏହା ଦେଖିବାକୁ ମିଳିଛି ତୁମୁଡିବନ୍ଧ ବ୍ଲକ ଉପାନ୍ତ ଝିରିପାଣି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ।

୧୯୫୪ ମସିହାରେ ଚାଉଳ ଧୁଆ ନଦୀ କୂଳରେ ଝରିପାଣି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୫୮ଥିବାବେଳେ ଦୁଇ ଜଣ ଶିକ୍ଷୟିତ୍ରୀ ଓ ତିନି ଜଣ ଶିକ୍ଷକ ଅଛନ୍ତି। କିନ୍ତୁ ଛାତ୍ରୀଛାତ୍ରମାନଙ୍କ ପାଠ ପଢିବା ପାଇଁ ରହିଛି ମାତ୍ର ଗୋଟିଏ ଶ୍ରେଣୀ ଗୃହ। ସେହି ଶ୍ରେଣୀ ଗୃହରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ପିଲାମାନେ ପଢୁଛନ୍ତି। ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ପିଲାମାନେ ସ୍କୁଲ କ୍ୟାମ୍ପସରେ ତିଆରି ହୋଇଥିବା ରୋଷେଇ ଘରେ ପଢ଼ୁଥିବା ବେଳେ ସିଆରସି କୋଠାରେ ସପ୍ତମ ଓ ଅଷ୍ଟମ ଶ୍ରେଣୀର ପିଲାମାନେ ଅଧ୍ୟୟନ କରୁଛନ୍ତି। କିନ୍ତୁ ଷଷ୍ଠ ଶ୍ରେଣୀ ପିଲାଙ୍କ ପାଇଁ ଶ୍ରେଣୀ ଗୃହ ନଥିବାରୁ ସେମାନେ ଦୀର୍ଘ ତିନି ବର୍ଷ ହେଲାଣି ଆମ୍ବ ଗଛ ମୂଳେ ପଢୁଛନ୍ତି। ଏହି ସ୍କୁଲ ପାର୍ଶ୍ୱରେ ଚାଉଳ ଧୁଆ ନଦୀ ଥିବାରୁ ବର୍ଷା ଦିନେ ପାଣି ପଶିଗଲେ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ ଚାରିପଟେ ପାଚେରୀ ନାହିଁ, ଲାଟିନ ନାହିଁ, ପିଇବା ପାଣି ନାହିଁ ଫଳରେ ଛାତ୍ରୀଛାତ୍ରମାନଙ୍କୁ ବହୁ ଦୂର ଯିବାକୁ ପଡୁଛି। ଏ ନେଇ ବାରମ୍ବାର ସ୍କୁଲ କର୍ତ୍ତୃପକ୍ଷ ଜନପ୍ରତିନିଧିଙ୍କୁ ବ୍ଲକ ପ୍ରଶାସନଙ୍କୁ ଓ ଜିଲା ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ ମଧ ଆଜି ଯାଏ କୌଣସି ସୁଫଳ ମିଳିପାରୁନଥିବା ସ୍କୁଲ ସଭାପତି ମହେନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି। ଏଥିପାଇଁ ଆଜି ବି ଛାତ୍ରୀଛାତ୍ର ନିଜ ଜୀବନକୁ ବାଜି ଲଗାଇ ପାଠ ବଢ଼ିବାକୁ ବାଧ ହେଉଛନ୍ତି। ଏ ନେଇ ତୁମୁଡିବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ସୁରେନଙ୍କୁ ପଚାରିବାରୁ ମୁଁ ୪ ମାସ ହେବ ଆସିଛି ମୋ ପାଖରେ କୌଣସି ଅଭିଯୋଗ ଆସି ନାହିଁ। ଯଦି ଏହିଭଳି ଅସୁବିଧା ରହିଛି ତା'ହେଲେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷକ କାମରାଜ କହଁର କହିଛନ୍ତି, ମୁଁ ଏହି ବିଷୟରେ ଅନେକ ଥର ବିଇଓଙ୍କ ଅଭିଯୋଗ କରିଛି ସେ ଶୁଣୁନାହାନ୍ତି।

# ବାଣିଜ୍ୟ ବିଭାଗର ପରିଚୟ କାର୍ଯ୍ୟକ୍ରମ



ମଞ୍ଚାସୀନ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ଭଞ୍ଜନଗର, ୧୭।୧୦(ବାବୁଲା ପ୍ରଧାନ): ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ରାଜେନ୍ଦ୍ର ଦାସ ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଭୂତି ଭୂଷଣ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁନୀଲ କୁମାର ଦାସ ସ୍ୱାଗତ ଭାଷଣ ଦେବାସହ ପରିଚୟ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପିକା ଆରତୀବାଳା ପ୍ରଧାନ, ଶୈକ୍ଷିକ ପରିଷଦ ସମ୍ପାଦକ ପ୍ରାଧ୍ୟାପକ ବିଭାସ ଦାସ, ଅଧ୍ୟାପକ ହରିଶ ଭଞ୍ଚର, ଦୁର୍ଗାପ୍ରସାଦ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ଜ୍ୟୋତିରାଣୀ ଗୁପ୍ତା ସଭା ସଂଯୋଜନା କରିଥିବା ବେଳେ ଅଧାପକ ରଜନୀ କାନ୍ତ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହା ପୂର୍ବରୁ ଅନୁଷ୍ଠିତ ଅଧିବେଶନରେ ଅର୍ଥନୀତି ଓ ବୈଷୟିକ ଜ୍ଞାନ ଉପରେ ଏକ ଆଲୋଚନା ଚକ୍ର ହୋଇଥିଲା। ସନ୍ଦର୍ଭ ଟିକୁ ଛାତ୍ରୀ ଜେ. ଅଲିଶା ପୃଷ୍ଟି, ଛାତ୍ର ଆଦିତ୍ୟ ଜେନା ପଠନ କରିଥିଲେ। ତାଙ୍କୁ ବିଭାଗୀୟ ଅଧ୍ୟାପିକା ଜ୍ୟୋତିରାଣୀ ଗୁପ୍ତା ସହଯୋଗ କରିଥିଲେ।

# ଗୋଲାପଡ଼ାରେ ଘରେ ଘରେ କଂଗ୍ରେସ କାର୍ଯ୍ୟକ୍ରମ

ଭଞ୍ଜନଗର,୧୭।୧୦ (ବାବୁଲା ପ୍ରଧାନ)

ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ବ୍ଲକ କଂଗ୍ରେସ ପକ୍ଷରୁ ଗୋଲାପଡ଼ା ପଞ୍ଚାୟତରେ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ସମୟରେ ଗତ ପଞ୍ଚାୟତ ଏବଂ ସାଧାରଣ ନିର୍ବାଚନ ସମୟରେ କଂଗ୍ରେସ ଛାଡ଼ି ଭାଜପାକୁ ଚାଲିଯାଇଥିବା କିଛି କର୍ମୀ ପୁଣି ଘର ବାହୁଡ଼ା କରିଛନ୍ତି। ଏଥିସହ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ପଥପ୍ରାନ୍ତ ସଭା ହୋଇଥିଲା। ଏଥିରେ ପିସିସି ସଭ୍ୟ ଦେବୀ ବିଷୋୟୀ, ପିସିସି ରାଜ୍ୟ ସମ୍ପାଦକ ସୁକାନ୍ତ ଦିଗାଲ, ଜଗନ୍ନାଥପ୍ରସାଦ ବ୍ଲକ କଂଗ୍ରେସ ସଭାପତି ବିଦ୍ୟାଧର ପ୍ରଧାନ, ଡିସିସି ସମ୍ପାଦକ ଜବାହାରଲାଲ ସାହୁ, ଯୁବ କଂଗ୍ରେସ ନିର୍ବାଚନମଣ୍ଡଳୀ ସଭାପତି ସନ୍ତୋଷ ପ୍ରଧାନ, ବିକ୍ରମ ବିଶୋଇ, ଅଶ୍ୱିନ ଭୂୟାଁ, ନୃସିଂହ ନାଇକ, ବିଜୟ ବେହେରା ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧି ନିତୀ ସମ୍ପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋଲାପଡ଼ା କଂଗ୍ରେସ ନେତା ସନ୍ତୋଷ ଗୌଡ଼,ପ୍ରଦୀପ ପଣ୍ଡା, ପ୍ରତାପ ପାଳ, ଚନ୍ଦ୍ରଶେଖର ପାଳ, ସୁଶାନ୍ତ ପାଳ, ତ୍ରିଲୋଚନା ଭୂୟାଁ, ରବୀନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଗୋଲାପଡ଼ାର ଭାଜପା ନେତା ଦିଲିପ କୁମାର ପଣ୍ଡାଙ୍କ ନେତୃତ୍ୱରେ ଆଗ ଧାଡ଼ିର କିଛି ଭାଜପା କର୍ମୀ ଦଳତ୍ୟାଗ କରି କଂଗେସରେ ମିଶିଥିବା ଦେବୀ ବିଷୋୟୀ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି।

### ମା' ଗୃହ ଭୂମିକା ଉପରେ ଆଲୋଚନା

ଫୁଲବାଣୀ/ଟିକାବାଲି, ୧୭।୧୦(ରାକେଶ କୁମାର ରାଉତ/ଗଗନ ବିହାରୀ ପଟ୍ଟନାୟକ)

ସ୍ୱେଚ୍ଛା ସେବୀ ଅନୁଷ୍ଠାନ ସ୍ୱାତୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ମିଳିତ ସହଯୋଗରେ ଟିକାବାଲିଠାରେ ଏକ ମା' ଗୃହ ପରିଚାଳିତ ହୋଇ ଆସୁଛି । ଗାଡିଙ୍ଗିଆ ଅଞ୍ଚଳର ଅଧିବାସୀମାନେ ମଧ ଏଥିରୁ ଲାଭବାନ ହେଉଛନ୍ତି । ମା' ଘର ବିଷୟରେ ଜାଣି ପାରୁ ନ ଥିବା ଲୋକଙ୍କୁ ଅବଗତ କରାଇବା ପାଇଁ ଏକ ଆଲୋଳଚନା ଚକ୍ର ମଣ୍ଡାନାଜୁ ଅଙ୍ଗନବାଡି କେନ୍ଦ୍ରରେ ଆୟୋଜିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର ମଲ୍ଲିକ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ଥିବା ଅନ୍ଧବିଶ୍ୱାସକୁ ଦୂରେଇ ଅନୁଷ୍ଠାନରେ ପ୍ରସବ କରାଇବାକୁ ଆହ୍ୱାନ ଦେଇଥିଲେ । ତତ୍‌ସହିତ ମହିଳା ପରିଦର୍ଶିକା ଦ୍ରୌପଦୀ ବିନ୍ଧାଣି ଓ ରାବୁଡି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡା.ରାହୁଲ କୁମାର ତ୍ରିପାଠୀ ବାଲ୍ୟବିବାହ ହେବା ଦ୍ୱାରା କିପରି ମାତୃ ଓ ଶିଶୁ ମୃତ୍ୟୁହାର ବଢୁଛି, ତାହା ଉପସ୍ଥାପନା କରିଥିଲେ। ମା' ଗୃହରେ ରହି ଡାକ୍ତରଖାନାରେ ପ୍ରସବ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନ ତରଫରୁ ବିଶ୍ୱରଞ୍ଜନ କର ଉପସ୍ଥିତ ରହି ସୁରକ୍ଷିତ ମାତୃତ୍ୱ ଲାଭ ନିମର୍ତ୍ତେ ଆନୁଷ୍ଠାନିକ ପ୍ରସବର ଗୁରୁତ୍ୱ କୁ ବୁଝାଇବା ସହ ମା' ଗୃହର ସେବା କିପରି ସଂଯୋଗିକରଣ କରୁଛି ତାହା ଜଣାଇଥିଲେ। ମା' ଗୃହ ତରଫରୁ ମାମିନା କହଁର ଓ ଗୀତାଳୀ କହଁର ଦିଆ ଯାଉଥିବା ସେବାଗୁଡିକ ବିଷୟରେ ବିସ୍ତୃତ ବିବରଣୀ ରଖିଥିଲେ। ଏ.ଏନ.ଏମ. ନିରଦା ନାୟକ ଗୁଣି ଗାରେଡି, ଅନ୍ଧବିଶ୍ୱାସ ଉପରେ ଆଲୋଚନା କରି ଆବଶ୍ୟକ ସ୍ୱାସ୍ଥ୍ୟ ସେବା ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ପ୍ରସୁତି ଓ ଗର୍ଭବତୀ ଉପସ୍ଥିତ ଥିଲେ।

### ମହିଳା ସ୍ନାତକ ମହାବିଦ୍ୟାଳୟରେ ହକି ପ୍ରତି ସଚେତନତା

ପାରଳାଖେମୁଣ୍ଡି, ୧୭।୧୦ (ପାରଳାଖେମୁଣ୍ଡି):

ସ୍ଥାନୀୟ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ଜାତୀୟ ଖେଳ ହକି ପାଇଁ ଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ପାଇଁ ଏକ ସଭା ଅନୁଷ୍ଠାନର ଅଧକ୍ଷା ଡ଼ ରୀନା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ନିଜ ବକ୍ତବ୍ୟରେ ଅଧକ୍ଷା କହିଥିଲେ ଯେ, ଭାରତର ଜାତୀୟ ଖେଳ ହକି କିଭଳି ସାମ୍ପ୍ରତିକ ସମୟରେ ଲୋକପ୍ରିୟତା ଅର୍ଜନ ସହ ବିଶ୍ୱସ୍ତରରେ ମଧ୍ୟ ଖେଳି ସଫଳତାର ସହ ସ୍ୱର୍ଣ୍ଣ ପଦକ ହାସଲ କରିପାରିଛି। ଯାହାକି ଆଜି ସମସ୍ତ ଭାରତୀୟଙ୍କୁ ଗର୍ବିତ କରିପାରିଛି। ସେହିଭଳି ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ଡ଼. ଭାରତୀ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିଭଳି ସଫଳତାର ସହ ରାଜ୍ୟରେ ହକି ଖେଳର ଆୟୋଜନ କରି ପ୍ରଶଂସିତ ହୋଇଥିଲେ ସେ ନେଇ ମତବ୍ୟକ୍ତ କରିଥିଲେ। ଆଜିର ଯୁବ ପିଢ଼ି ହକି ଖେଳ ପ୍ରତି ଶ୍ରଦ୍ଧା ଓ ଆଗ୍ରହ ପ୍ରକାଶ କରିବା ଆବଶ୍ୟକ ବୋଲି କହିଥିଲେ।

# ଗଞ୍ଜାମ ତହସିଲରେ ଗ୍ରାମ କଣ୍ଟକ ପଟ୍ଟା ବଣ୍ଟନ

**ଗଞ୍ଜାମ, ୧୭।୧୦(ବିଦ୍ୟାଧର ସାହୁ)**

ଗ୍ରାମ କଣ୍ଟକ ପଟ୍ଟା ପ୍ରଦାନରେ ଗଞ୍ଜାମ ତହସିଲ ଜିଲାରେ ଏକ ନମ୍ବର ବୋଲି ମଙ୍ଗଳବାର ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଉପଜିଲାପାଳ ପ୍ରସନ ପାତ୍ର କହିଛନ୍ତି। ମଲାଡ଼ ପଞ୍ଚାୟତ କୁଶପଲି ଗ୍ରାମରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଛତ୍ରପୁର ବିଧାୟକ ସୁବାସଚନ୍ଦ୍ର ବେହେରା, ଉପଜିଲାପାଳ ପ୍ରସନ ପାତ୍ର, ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ୧୪ ନଂ ଜିଲା ପରିଷଦ ସଭ୍ୟା ସସ୍ମିତା ସ୍ୱାଇଁ, ମଲାଡ଼ ସରପଞ୍ଚ ମମତା ବେହେରା, ଅତିରିକ୍ତ ତହସିଲଦାର ଶୁଭେନ୍ଦୁ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କୁଶପଲି ଗ୍ରାମର ୧୩୪ ପରିବାରଙ୍କୁ ଗ୍ରାମ କଣ୍ଟକ ଘର ବାରି ପଟ୍ଟା ପ୍ରଦାନ କରାଯାଇଥିଲା। ଏହି ପଟ୍ଟା ଦ୍ୱାରା ରାଜ୍ୟ ସରକାରଙ୍କ ମୋ ଘର ଯୋଜନାରେ ଲୋକମାନେ ଋଣ ଆଣି ପାରିବେ ଏବଂ ୫–ଟି ଓ ମୋ ସରକାର ତତ୍ତ୍ୱାବଧାନରେ ପ୍ରଶାସନ ଲୋକଙ୍କ ଦୁଆରରେ ପହଞ୍ଚୁଥିବା ବିଧାୟକ ବେହେରା ସୂଚନା ଦେଇଥିଲେ। ତହସିଲଦାର ନାୟକ ତାଙ୍କ ଟିମ ଲୋକଙ୍କ ଘରକୁ ଯାଇ ରାଜସ୍ୱ ରଥ ମାଧ୍ୟମରେ ପଟ୍ଟା ବଣ୍ଟନକୁ, ବିଧାୟକ ଏବଂ ଉପଜିଲାପାଳ ଉଚ୍ଚ ପ୍ରଶଂସା କରିଥିଲେ। ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଆରଆଇ ରବୀନ୍ଦ୍ର ପ୍ରଧାନ, ବିଜେଡି ଜିଲା ଛାତ୍ର ଉପ ସଭାପତି ଲିଙ୍ଗରାଜ ମହାପାତ୍ର, ଏନ୍‌ଏସି ବିଜେଡି ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ସରପଞ୍ଚ ପ୍ରତିନିଧି ସୁଦାମ ବେହେରା ପ୍ରମୁଖ ଉପସ୍ଥିତ ଥିବାବେଳେ ତହସିଲ ଆକାଉଣ୍ଟାଣ୍ଟ ନଳିନୀ କାନ୍ତ ନାହାକ, ସମୀର କୁମାର ପାଢ଼ୀ, ସୁଜାତା ବେହେରା, ରେକର୍ଡ କିପର ସୋନାଲି ମାଝି, ଏଆର୍‌ଆଇ ରଶ୍ମିତା ସାହୁ, ତ୍ରିପତି ବେହେରା, ଅମିନ ରାଜଶ୍ରୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଜିଲାରେ ୨୫ ହଜାର ଗ୍ରାମ କଣ୍ଟକ ପଟ୍ଟା ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଥିବା ଉପଜିଲାପାଳ ସୂଚନା ଦେଇଥିଲେ। ଯେଉଁମାନଙ୍କ ପଟ୍ଟା ହୋଇନି କିମ୍ବା ପଟ୍ଟା ଆସିନାହିଁ ସେମାନେ ତହସିଲ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ତହସିଲଦାର ଅରୁଣ କୁମାର ନାୟକ ସୂଚନା ଦେଇଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ବିଶ୍ରାମାଗାର



ପାରଳାଖେମୁଣ୍ଡି,୧୭।୧୦ (ଗିରିଧାରୀ ପରିଛା):

ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ଭ୍ରମରପୁର ଗ୍ରାମର ଯାତ୍ରୀ ବିଶ୍ରାମାଗାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର କାନ୍ଥ ଫାଟିବା ସହ ପଲସ୍ତରା ଖସି ସେଥିରୁ ପଥର ଖସିବାରେ ଲାଗିଛି। ସାମାନ୍ୟ ବର୍ଷା ହେଲେ ଛାତରୁ ପାଣି ଝରୁଛି। ସିମେଣ୍ଟ ଖଣ୍ଡ ପଡ଼ି ରଡ଼ ଦେଖାଯାଉଛି। ବିପଦସଙ୍କୁଳ ଅବସ୍ଥାରେ ରହିଥିବାରୁ କିଛି ସମୟ ଆଶ୍ରୟ ନେବାକୁ ଭୟ କରୁଛନ୍ତି ଯାତ୍ରୀ। ଏହା କେତେବେଳେ ଭୁଶୁଡ଼ି ଲୋକଙ୍କ ଜୀବନ ହାନୀ ହେବାର ଆଶଙ୍କା ରହିଥିବାରୁ ଏ ବିଷୟ ନେଇ ପଞ୍ଚାୟତ ଏବଂ ବ୍ଲକ ପ୍ରଶାସନକୁ ବାରମ୍ବାର ଅଭିଯୋଗ ହୋଇଛି। ଏହି ରାସ୍ତା ଦେଇ ବିଭାଗୀୟ ଅଧିକାରୀ ପ୍ରତିଦିନ ଯିବା ଆସିବା କରୁଥିଲେ ମଧ କାହାର ଦୃଷ୍ଟି ଗୋଚର ହେଉନଥିବା କହିଛନ୍ତି ଗ୍ରାମବାସୀ। ଏ ବିଷୟ ନେଇ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଟି.ଗୋପାଳ ରାଓ କହିଛନ୍ତି ଯେ, ଏହାର ପ୍ରପୋଜାଲ ଦିଆହୋଇଛି ମଞ୍ଜୁରୀ ମିଳିଲେ ଖୁବ ଶୀଘ୍ର କାର୍ଯ୍ୟ କରାଯିବ।

# ଆବର୍ଜନା, ପ୍ଲାଷ୍ଟିକ ମୁକ୍ତ ପାଇଁ ଆହ୍ୱାନ

ଗୋପାଳପୁର,୧୭।୧୦(ନବୀନ ରାଜ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ ଅଧିନ କନିସି ହାଟରେ ରଙ୍ଗେଇଲୁଣ୍ଡା ପ୍ରେସ କ୍ଲବ ପକ୍ଷରୁ ମଙ୍ଗଳବାର ଆବର୍ଜନା ଓ ପ୍ଲାଷ୍ଟିକ ମୁକ୍ତ ପଞ୍ଚାୟତ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନିସି ତହସିଲଦାର ପ୍ରଜ୍ଞାୟନନ୍ଦ ଶତପଥୀ, ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ, ରଙ୍ଗେଇଲୁଣ୍ଡା ବିଡିଓ ବିଶ୍ୱଜିତ ରାୟ ଯୋଗ ଦେଇଥିବା ବେଳେ କ୍ଲବ ସଭାପତି ରାଜୀବ ଲୋଚନ ମିଶ୍ର ନେତୃତ୍ୱର ପ୍ରେସ କ୍ଲବର ସଦସ୍ୟମାନେ ହାଟ ପରିସରକୁ ସଫେଇ କାର୍ଯ୍ୟକ୍ରମ କରିବା ସହ ବ୍ୟବସାୟୀ ଓ ସ୍ଥାନୀୟ ଲୋକମାନଙ୍କୁ ପରିବେଶ ସଫାସୁତୁରା ରଖିବା ଓ ଆବର୍ଜନା ମୁକ୍ତ କରିବା ପାଇଁ ସଚେତନତା କରାଇବା ସହ ପ୍ଲାଷ୍ଟିକ ମୁକ୍ତ ପଞ୍ଚାୟତ ଗଠନ ନିମନ୍ତେ ଲୋକଙ୍କୁ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ଉପସଭାପତି ଦିଲ୍ଲୀପ କୁମାର ସାହୁ, ସମ୍ପାଦକ ମୁନା ପଟ୍ଟନାୟକ, ସହ ସମ୍ପାଦକ ଟୁଟୁ ମହାପାତ୍ର, କୋଷାଧକ୍ଷ ଡ଼ି. ନବୀନ ରାଜ ଆଚାରୀ ସୁଦର୍ଶନ ରାଉଳ, ଜି ନରସିଂହ ରାଓ, ପଞ୍ଚାୟତ ପିଇଓ ରାଜେନ୍ଦ୍ର ପଟ୍ଟନାୟକ, ଯଯାତି ପାତ୍ର, ସୁନୀଲ ପାତ୍ର, ଅଟୋ ଚାଳକ ସମ୍ପାଦକ ରାମ କୃଷ୍ଣ ମହାରଣା, ବି ରାଜୁ, ଯଯାତି ପାତ୍ର ଓ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ।




ପ୍ରେସକ୍ଲବର ସଦସ୍ୟମାନେ ସ୍ୱଚ୍ଛତା ପାଇଁ ସଚେତନ କରୁଛନ୍ତି।

### ଅଟୋ ସହ ଟାଟା ଏସି ଧକ୍କା, ୨ ଗୁରୁତର

ହିଞ୍ଜିଳିକାଟୁ, ୧୭।୧୦ (ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିଥାନା ଲକ୍ଷ୍ମୀପୁର ଗ୍ରାମ ନିକଟରେ ସୋମବାର ବିଳମ୍ବିତ ରାତିରେ ଯାତ୍ରୀବାହୀ ଅଟୋ ସହ ଏକ ଟାଟାଏସି ମୁହାଁମୁହିଁ ଧକ୍କା ହେବାରୁ ୨ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ଶେରଗଡ ଥାନା ଅଲାରିଗଡ ଗ୍ରାମର ସୂର୍ଯ୍ୟ ନାହାକ ଓ ସୁରେନ୍ଦ୍ର ଭୂୟାଁ। ସୋମବାର ରାତି ପ୍ରାୟ ୧୨ଟାରେ କଙ୍କୋରଡା ଠାରୁ ଅଲାରିଗଡ ଆସୁଥିବା ଯାତ୍ରୀବାହୀ ଅଟୋକୁ ବିପରୀତ ଦିଗରେ ଆସୁଥିବା ଟାଟାଏସି ଧକ୍କା ଦେଇଥିଲା। ଉଭୟ ଗାଡିକୁ ପୋଲିସ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

# ପୋତିହେଲାଣି ଆଲକଟା ବନ୍ଧ, ପୁନରୁଦ୍ଧାର ଦାବି



**ଛତ୍ରପୁର, ୧୭।୧୦ (ଦିଲୀପ ସାମଲ)**

ଗଞ୍ଜାମ ଜିଲାର ଛତ୍ରପୁର ଏକ ପୁରୁଣା ସହର ହୋଇଥିବା ବେଳେ ଜିଲା ମୁଖ୍ୟାଳୟ ଏଠାରେ ରହିଛି। କିନ୍ତୁ ସହରର କଳେବର ବଢ଼ିଥିବା ବେଳେ ଏଠାରେ ଥିବା ବନ୍ଧଗୁଡିକର ବିକାଶ ହୋଇପାରିନାହିଁ। ଛତ୍ରପୁର ଏନଏସି ଅଧୀନରେ ଥିବା ଆଲକଟା ବନ୍ଧ ବିକାଶର ବାସ୍ତବତାକୁ ପଦାକୁ ଆଣିଛି। ବହୁ ବର୍ଷ ହେଲା ଏହି ବନ୍ଧ ପୋତି ହୋଇ ପଡିଥିଲେ ବି ଏନଏସି ପକ୍ଷରୁ ଏହାକୁ ପଦକ୍ଷେପ ନିଆଯାଇ ନାହିଁ । ଫଳରେ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେବାରୁ ନିକଟରେ ଥିବା ସାହେବ ଜେନାପଲ୍ଲୀ, ଶାନ୍ତିନଗର ଓ ବାସନାପଲ୍ଲୀ ଅଞ୍ଚଳର ଲୋକେ ଏହାର ପୁନରୁଦ୍ଧାର ପାଇଁ ଦାବି କରିଛନ୍ତି।

ସୂଚନାଯୋଗ୍ୟ ଯେ, ଛତ୍ରପୁର ନିକଟ ଅଭିମନ୍ୟୁପୁର ରାଜସ୍ୱ ଗ୍ରାମର ୨ ଏକର ୪୦୦ ଡେସିମିଲି ସ୍ଥାନରେ ଏହି ପୁରାତନ ପୋଖରୀ (ବନ୍ଧ) ରହିଛି। ୧୪ ନଂ. ୱାର୍ଡରେ ଥିବା ଏହି ପୋଖରୀ ଲୋକଙ୍କ ସ୍ନାନ ଶୌଚର ମାଧ୍ୟମ ପାଲଟିଥିଲା। ଏଥିସହିତ ଜଳସେଚନ ପାଇଁ ବର୍ଷାଜଳକୁ ଆଲକଟ କରି ରଖାଯିବାରୁ ଏହି ପୋଖରୀ କାଳକ୍ରମେ ଆଲକଟା ବନ୍ଧ ନାମରେ ପରିଚିତ ହେଲା । ହେଲେ ସହରର କଳେବର ବୃଦ୍ଧି ପାଇବା ପରେ ଉକ୍ତ ପୋଖରୀ ପାର୍ଶ୍ୱରେ ସହରର ଆବର୍ଜନା ଜଳ ନିଷ୍କାସନ ପାଇଁ ଏକ ନାଳ ନିର୍ମାଣ କରାଗଲା, ଯାହାର ନାମ ରହିଲା ରଜାନାଳ। ଦାସିରୀ ଜଗନ୍ନାଥ ମନ୍ଦିର ଦେଇ ଯାଇଥିବା ଏହି ନାଳ ଦ୍ୱାରା ପୁତି ଗୋପାଳପୁର, ଅପର ବସଷ୍ଟାଣ୍ଡ, ସହରର ବିଭିନ୍ନ ଗଳିକନ୍ଦିର ଆବର୍ଜନା ଜଳ ନିଷ୍କାସିତ ହୋଇ ଟିକଲଖଣ୍ଡି ନିକଟରେ ଜମିକୁ ଯାଇଥାଏ। ତେବେ ବନ୍ୟା ସମୟରେ ଏହି ନାଳର ଉଦବୃତ୍ତ ଜଳ ଏହି ପୋଖରୀକୁ ଯାଇଥାଏ। ଦୀର୍ଘଦିନ ହେଲା ଏପରି ଲାଗି ରହିବାରୁ ଧୀରେ ଧୀରେ ଏହି ପୋଖରୀ ଆବର୍ଜନାରେ ପୋତି ହୋଇପଡିଛି। ଉକ୍ତ ଜଳ ବ୍ୟବହାର ଉପଯୋଗୀ ନ ହେବା ଓ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ଏହି ବନ୍ଧକୁ ହାଣି ପାଣି ନିଷ୍କାସିତ କରିଥିଲେ। ଏବେ ଏହି ପୋଖରୀ ଘାସ, ଲଟାବୁଦାରେ ପରିପୂର୍ଣ୍ଣ ହୋଇଥିବାରୁ ଦୁର୍ଗନ୍ଧ ପରିବେଶ ସୃଷ୍ଟି ହେଉଛି। ଏ ସଂକ୍ରାନ୍ତରେ ଅନେକ ଦାବି ହେବା ପରେ ବି ଏନଏସି ଆଖିବୁଜିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ଏହି ପୋଖରୀର ପୁନରୁଦ୍ଧାର ଜରୁରୀ ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

## ଏମାନେ କୁହନ୍ତି



"ଏହା ଏକ ପୁରାତନ ବନ୍ଧ । ଏହି ବନ୍ଧର ଜଳକୁ ଲୋକେ ସ୍ନାନ ଶୌଚ ପାଇଁ ବ୍ୟବହାର କରୁଥିଲେ। କିନ୍ତୁ ଏହି ବନ୍ଧ ଏବେ ଜରାଜୀର୍ଣ୍ଣ ହୋଇପଡିଛି। ଏହାର ପୁନରୁଦ୍ଧାର ହେଲେ ସହରରେ ସୃଷ୍ଟ ଜଳବନ୍ଦୀ ସମସ୍ୟା ଦୂରହେବା ସହିତ ଜଳସେଚନ ପାଇଁ ପର୍ଯ୍ୟାପ୍ତ ପାଣି ମିଳିପାରିବ। ଛତ୍ରପୁର ସହରାଞ୍ଚଳ ନିମନ୍ତେ ମାଷ୍ଟର ଡ୍ରେନ ପ୍ରକଳ୍ପରେ ଆଲକଟ ବନ୍ଧକୁ ସାମିଲ କରାଯିବା ଉଚିତ।

**- ଅଶୋକ ଚୌଧୁରୀ (ପୂର୍ବତନ ବିଧାୟକ )**



"ଆଲକଟା ବନ୍ଧ ପୁନରୁଦ୍ଧାର ହେବା ନିହାତି ଦରକାର। ଏହା ହେଲେ ଟିକଲଖଣ୍ଡି, ବାସନାପଲ୍ଲୀ, ସାହେବ ଜେନାପଲ୍ଲୀ ଓ ଶାନ୍ତିନଗର ବାସିନ୍ଦା ଉପକୃତ ହେବେ। ଏ ସଂକ୍ରାନ୍ତରେ ଆମେ ସରକାରଙ୍କୁ ଲିଖିତ ଆକାରରେ ଦେଇଛୁ। ଅନୁଦାନ ମଞ୍ଜୁର ହେଲେ ପଦକ୍ଷେପ ନିଆଯିବ ।

**- ଶର୍ମିଷ୍ଠା ପ୍ରଧାନ (ଅଧକ୍ଷା, ଏନଏସି, ଛତ୍ରପୁର )**



"ଏହି ବନ୍ଧର ପୁନରୁଦ୍ଧାର କରାଯିବ। ଏହାକୁ ଆମ ପୋଖରୀ ଯୋଜନାରେ ସାମିଲ କରାଯାଇଛି। ଏହାର ଡିପିଆର ପ୍ରସ୍ତୁତ ହୋଇଗଲାଣି। ଖୁବଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ।

**ଜି ପାପା ରାଓ (ଉପାଧକ୍ଷ, ଏନଏସି, ଛତ୍ରପୁର )**



"ଏହି ବନ୍ଧ ଦୀର୍ଘ ବର୍ଷ ହେଲା ପୁନଃରୁଦ୍ଧାର ନ ହେବାରୁ ପୋତି ହୋଇଯାଇଛି। ଫଳରେ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ମୁଁ ବହୁବାର ଏନଏସି ବୈଠକ ଏବଂ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହାର ଡ୍ରୋନ ସର୍ଭେ ହୋଇଛି। ଭୁବନେଶ୍ୱର ଏବଂ ବ୍ରହ୍ମପୁର ପ୍ରତିନିଧି ଦଳ ପରିଦର୍ଶନ କରି ଯାଇଛନ୍ତି। ଏହାର ଡିପିଆର ପ୍ରସ୍ତୁତ ହୋଇଛି।

**- ଏମ ଅରୁନ୍ଧତୀ ରେଡ୍ଡୀ (୧୪ ନଂ କାଉନସିଲର, ଛତ୍ରପୁର )**

